# ମାଇନରିଟି ଆଳରେ ଶିକ୍ଷକ ନିଯୁକ୍ତି ନାହିଁ

**ଜଳେଶ୍ୱର,୨୮।୨(ନବୀନ ସାହୁ)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ହାତୀଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତିକୁ ନେଇ ଦେଖାଦେଇଥିବା ବିବାଦ ତୀବ୍ର ରୂପ ଧାରଣ କରିଛି। ଜିଲା ଶିକ୍ଷା ବିଭାଗର ମନମୁଖୀ କାର୍ଯ୍ୟାନୁଷ୍ଠାନ ଓ 'ମାଇନରିଟି' (ସଂଖ୍ୟାଲଘୁ) ଆଳ ଦେଖାଇ ଶିକ୍ଷକ ନିଯୁକ୍ତିରୁ ବଞ୍ଚିତ ରଖିବା ଅଭିଯୋଗରେ ଗ୍ରାମବାସୀ ଏବେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଛନ୍ତି। ଦାବି ପୂରଣ ନ ହେଲେ ଆସନ୍ତା ୬ ମାର୍ଚ୍ଚରୁ ପୁଣି ଧାରଣା ସହ ଅଗ୍ନି ସମାଧି ନେବା ପାଇଁ ଅଭିଭାବକମାନେ ଚେତାବନୀ ଦେଇଛନ୍ତି।

୧୯୬୫ରେ ପ୍ରତିଷ୍ଠିତ ଏହି ପୁରାତନ ବିଦ୍ୟାଳୟ ୧୯୯୪ରେ ସରକାରୀ ମାନ୍ୟତା ପାଇଥିଲା। ବର୍ତ୍ତମାନ ଏଠାରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୮୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଯେ, ବିଦ୍ୟାଳୟରେ ମାତ୍ର ୬ ଜଣ ସଂଖ୍ୟାଲଘୁ (ମାଇନରିଟି) ପିଲା ଥିବା ବେଳେ, ଶିକ୍ଷା ବିଭାଗ ଏହାକୁ ଏକ ବଡ଼ ଆଳ କରି ଶିକ୍ଷକ ନିଯୁକ୍ତି ସହିତ ବିଦ୍ୟାଳୟର ପୂଜା ପାର୍ବଣ ବନ୍ଦ ରଖିଛି। ୩୦ବର୍ଷ ହେଲା ସ୍ଥାୟୀ ଶିକ୍ଷକ ନାହାନ୍ତି, ମାତ୍ର ଜଣେ ଇଂଲିଶ ଶିକ୍ଷୟିତ୍ରୀ ଓ ୩ଜଣ ଅତିଥି ଶିକ୍ଷକଙ୍କ ଭରସାରେ ଶତାଧିକ ପିଲାଙ୍କ ଭବିଷ୍ୟତ ଗଢ଼ା ଚାଲିଛି। ଗତ ଜାନୁଆରୀ ୨୧ରେ ଶିକ୍ଷକ ନିଯୁକ୍ତି ଦାବିରେ ଗ୍ରାମବାସୀ ଧାରଣା ଦେଇଥିଲେ। ସେହି ସମୟରେ ସ୍ଥାନୀୟ ତହସିଲଦାର ଓ ଏସ୍‌ଡିପିଓ ପହଞ୍ଚି ୨୦ ଦିନ ମଧ୍ୟରେ ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା। ମାତ୍ର ୪୦ ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଗ୍ରାମବାସୀଙ୍କ କହିବା ଅନୁସାରେ, ସୂଚନା ଅଧିକାର ଆଇନ ଜରିଆରେ ମିଳିଥିବା ତଥ୍ୟ ଅନୁସାରେ ବିଦ୍ୟାଳୟର ସରକାରୀ କାଗଜପତ୍ରରେ କୌଣସି ସ୍ଥାନରେ 'ମାଇନରିଟି' ଶବ୍ଦ ଉଲ୍ଲେଖ ନାହିଁ। ପୂର୍ବତନ ଡିଇଓ ପ୍ରାତୀତନୟା ଗିରି ଜାଣିଶୁଣି ଭୁଲ୍ ତଥ୍ୟ ଦର୍ଶାଇ ଏଭଳି ସମସ୍ୟା ସୃଷ୍ଟି କରିଥିବା ଅଭିଯୋଗ କରି ଗ୍ରାମବାସୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ସଜବାଜ ହେଉଛନ୍ତି। ଶନିବାର କାଳିକ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ତରୁଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ ଚିତ୍ତରଞ୍ଜନ ବିଶ୍ୱାଳ, ପୂର୍ବତନ ସରପଞ୍ଚ ଗଙ୍ଗାଧର ଦାସ, ପ୍ରଫୁଲ୍ଲ ସୁର, ନାରାୟଣ ଚନ୍ଦ୍ର ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସେମାନେ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ ନିଜର ଦାବିପତ୍ର ପ୍ରଦାନ କରିବା ସହ ନ୍ୟାୟ ନ ମିଳିଲେ ଚରମ ନିଷ୍ପତ୍ତି ନେବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, 'ବର୍ତ୍ତମାନ ମାଟ୍ରିକ ପରୀକ୍ଷା ଚାଲିଛି। ପରୀକ୍ଷା ଶେଷ ହେବା ପରେ ବିଦ୍ୟାଳୟ କମିଟି ଓ ସ୍ଥାନୀୟ ପ୍ରଶାସନକୁ ନେଇ ଏକ ବୈଠକ କରାଯିବ ଏବଂ ଏହାର ସ୍ଥାୟୀ ସମାଧାନ ପାଇଁ ନିଷ୍ପତ୍ତି ନିଆଯିବ।'


ଖବରଦାତା ସମ୍ମିଳନୀରେ ଅଭିଭାବକମାନେ।

**ହାତୀଗଡ଼ ହାଇସ୍କୁଲରେ ପୁଣି ଆନ୍ଦୋଳନ ଚେତାବନୀ**

**ଦାବି ପୂରଣ ନ ହେଲେ 'ଅଗ୍ନି ସମାଧି'ର ହୁଙ୍କାର**

# ପୂର୍ବତନ ଦର୍ଶନଶାସ୍ତ୍ର ବିଭାଗ ଅଧ୍ୟାପକ ନିର୍ଦ୍ଦୋଷରେ ଖଲାସ

**ବାଲେଶ୍ୱର,୨୮।୨(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

**୩୧ ବର୍ଷ ପରେ ରାୟ ପ୍ରକାଶ**

ଦୀର୍ଘ ୩୧ ବର୍ଷ ପରେ ଏକ ଭିଜିଲାନ୍ସ ମାମଲାର ରାୟ ପ୍ରକାଶ ପାଇଛି। ବାଲେଶ୍ୱର ଜିଲା ବିଚାର ବିଭାଗର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଲଳିତ କୁମାର ଦାଶ ଶନିବାର ମାମଲାର ବିଚାର କରି ଜଲେଶ୍ୱର ଦୀନକୃଷ୍ଣ କଲେଜର ପୂର୍ବତନ ଦର୍ଶନ ଶାସ୍ତ୍ର ବିଭାଗର ମୁଖ୍ୟ ଅଧ୍ୟାପକ ଲକ୍ଷ୍ମୀଧର ଗିରିଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ତଥ୍ୟଅନୁଯାୟୀ, ୧୯୮୯ରେ ଦୀନକୃଷ୍ଣ କଲେଜର କଳା, ବିଜ୍ଞାନ ଓ ବାଣିଜ୍ୟରେ ସିଏଚ୍‌ଏସ୍‌ଇ ଫାଇନାଲ ପରୀକ୍ଷା ଦେଇଥିବା ଛାତ୍ରଙ୍କ ମଧ୍ୟରୁ ୨୮ ଜଣ ଫେଲ୍ ହୋଇଥିଲେ। ମାତ୍ର ସେମାନଙ୍କୁ କଲେଜ ତରଫରୁ ପାସ୍ ସାର୍ଟିଫିକେଟ୍ ଅନ୍ୟାୟ ଭାବେ ପ୍ରଦାନ କରାଯାଇଥିଲା। ସାର୍ଟିଫିକେଟ୍‌ଗୁଡ଼ିକୁ ବ୍ୟବହାର କରି ସମ୍ପୃକ୍ତ ଛାତ୍ରମାନେ ଉଚ୍ଚଶିକ୍ଷା ପାଇଁ କଲେଜରେ ନାମ ଲେଖାଇଥିଲେ। ସେହି ସାର୍ଟିଫିକେଟ୍‌ଗୁଡ଼ିକ ଜାଲ୍ ଥିବା ଜଣାପଡ଼ିବା ପରେ ବାଲେଶ୍ୱର ଦୁର୍ନୀତି ନିବାରଣ ବିଭାଗ ଏକ ଅନ୍ତରୀଣ ତଦନ୍ତ କରିଥିଲା। ତଦନ୍ତ ରିପୋର୍ଟ ଆଧାରରେ ତତ୍କାଳୀନ ଦୀନକୃଷ୍ଣ କଲେଜର ପୂର୍ବତନ ଦର୍ଶନଶାସ୍ତ୍ର ବିଭାଗର ମୁଖ୍ୟ ଅଧ୍ୟାପକ ଲକ୍ଷ୍ମୀଧର ଗିରି, ଏକ୍ସାମିନେସନ ବିଭାଗର କିରାଣି ଏବଂ ଜାଲ୍ ସାର୍ଟିଫିକେଟ୍ ନେଇଥିବା ଛାତ୍ରମାନଙ୍କ ବିରୋଧରେ ଏକ ମକଦ୍ଦମା ରୁଜୁ କରିଥିଲା। ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ସେମାନଙ୍କ ବିରୋଧରେ ଦଫା ୧୩(୨)/୧୩(୧)(ଘ) ପିସି ଆକ୍ଟ ଏବଂ ଦଫା ୪୬୮/୪୭୧/୩୪ ଆଇପିସିରେ ଭାରତୀୟ ପିଙ୍ଗଳକୋଡ଼ରେ ଚାର୍ଜଫ୍ରେମ୍ ହୋଇ କୋର୍ଟରେ ବିଚାର ଆରମ୍ଭ ହୋଇଥିଲା। ବିଚାର ବେଳେ ସରକାରଙ୍କ ତରଫରୁ ୧୩ଜଣ ସାକ୍ଷୀ ଓ ୩୧ଟି ଦଲିଲ ଦସ୍ତାବିଜ୍‌କୁ ବିଚାର ପରିସର ମଧ୍ୟରେ ଗ୍ରହଣ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ଓ ଦଲିଲ ଦସ୍ତାବିଜ୍‌ର ବିବରଣୀକୁ ସମୀକ୍ଷା କରି ଅଦାଲତ ପୂର୍ବତନ ଅଧ୍ୟାପକ ଲକ୍ଷ୍ମୀଧର ଗିରିଙ୍କୁ ପ୍ରମାଣ ଅଭାବରୁ ଖଲାସ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ମକଦ୍ଦମାକୁ ଆଇନଜୀବୀ ଅରବିନ୍ଦ ବାରିକ ଓ ଚନ୍ଦନ କୁମାର ସିଂହ ପରିଚାଳନା କରୁଥିଲେ।

# ଶମ୍ଭୁସୀତା ୟୁପି ସ୍କୁଲର ବାର୍ଷିକୋତ୍ସବ, ବିଦାୟୀ ସମ୍ବର୍ଦ୍ଧନା ସଭା

**ଖଇରା, ୨୮।୨(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଓ ସହକାରୀ ଶିକ୍ଷୟିତ୍ରୀ ଭାମାମଣୀ ଜେନାଙ୍କ ସମେତ ପୂର୍ବରୁ କାର୍ଯ୍ୟ କରିଥିବା ୬ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମହେନ୍ଦ୍ର ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଦୟାନିଧି ନାୟକ ମୁଖ୍ୟଅତିଥି, ପୂର୍ବତନ ବିଇଓ ସୁଦର୍ଶନ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାମାନଙ୍କୁ ସଂସ୍କାରି କରିବାକୁ ଅଭିଭାବକଙ୍କୁ ପରାମର୍ଶ ଦେବା ସହ ବିଦାୟୀ ଶିକ୍ଷକଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଏବିଇଓ ଲକ୍ଷ୍ମୀଧର ସିଂ, ଆଲୁମିନି ସଭାପତି ପ୍ରଶାନ୍ତ କୁମାର ଜେନା, କମିଟି ସଭାପତି ସନ୍ଧ୍ୟାରାଣୀ ଜେନା, ପୂର୍ବତନ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ବେହେରା, ମହେନ୍ଦ୍ର ପ୍ରସାଦ କବି, ସୁଦର୍ଶନ ପାଣି ଓ ଜନାର୍ଦ୍ଦନ ମହାପାତ୍ର, ଶିକ୍ଷକ ନେତା ଶଙ୍କର୍ଷଣ ଜେନା, ଜଗନ୍ନାଥ ମହାପାତ୍ର, ସୁଶାନ୍ତ ମହାପାତ୍ର, ଉଦୟ ନାରାୟଣ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉମେଶ କୁମାର ମହାପାତ୍ର ବିବରଣୀ ପାଠ, ଅଞ୍ଜନ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ ପରେ ପିଲାମାନଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷଣ କରାଯାଇଥିଲା।


କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# 'ବିଜ୍ଞାନରେ ମହିଳା : ବିକଶିତ ଭାରତର ପ୍ରେରକ ଶକ୍ତି'


ଅତିଥିଙ୍କ ଦ୍ୱାରା ଫାକଲଟି କମ୍ପେଣ୍ଡିଅମ ଉନ୍ମୋଚନ କରାଯାଉଛି।

**ବାଲେଶ୍ୱର, ୨୮।୨(ବାଞ୍ଛାନିଧି ଦେ)**

**ଜିଜ୍ଞାସୁ ମନୋଭାବ ଗବେଷଣା, ନବୀନତାର ମୂଳଶକ୍ତି**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଶନିବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ବିଜ୍ଞାନରେ ମହିଳା : ବିକଶିତ ଭାରତର ପ୍ରେରକ ଶକ୍ତି' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ଜିଜ୍ଞାସୁ ମନୋଭାବ ହେଉଛି ଗବେଷଣା ଓ ନବୀନତାର ଦ୍ୱାର ଉଦ୍‌ଘାଟନ କରିବାର ମୂଳଶକ୍ତି ବୋଲି ମତବ୍ୟକ୍ତ କରିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ମହିଳା ଅଧ୍ୟାପକମାନେ ଉତ୍କୃଷ୍ଟତା ଅର୍ଜନ କରିବାକୁ ଅଗ୍ରସର ହେବାର ଆହ୍ୱାନ ଜଣାଇ ସେ ଏହି ଦିବସକୁ ବିଶ୍ୱବିଦ୍ୟାଳୟର ସମସ୍ତ ନାରୀ ବିଜ୍ଞାନୀଙ୍କୁ ସମର୍ପିତ କରିଥିଲେ। ମୁଖ୍ୟବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂହ ଯୋଗଦେଇ ଡ. ସିଭି ରମନଙ୍କ ବୈଜ୍ଞାନିକ ଐତିହ୍ୟକୁ ସ୍ମରଣ କରିବା ସହ ମହିଳା ଗବେଷକମାନଙ୍କୁ ଗବେଷଣାରେ ନୂତନ ଦୃଷ୍ଟିକୋଣ ଅନ୍ୱେଷଣ କରିବାକୁ ଉତ୍ସାହିତ କରିଥିଲେ। ମୁଖ୍ୟଅତିଥି ଭାବେ ଖଡ଼ଗପୁର ଆଇଆଇଟିର ଉପନିର୍ଦ୍ଦେଶକ ପ୍ରଫେସର ରିନ୍ଟୁ ବାନାର୍ଜୀ ଯୋଗଦେଇ 'ଷ୍ଟେମ୍ କ୍ଷେତ୍ରରେ ନାରୀଙ୍କ ଭୂମିକା' ବିଷୟରେ ତଥ୍ୟ ରଖିଥିଲେ। ଏହି ଅବସରରେ ଇଞ୍ଜିନିୟର ଡ. ମିହିର କୁମାର ପଣ୍ଡାଙ୍କୁ ଫକୀରମୋହନ ପ୍ରସିଦ୍ଧ ବୈଜ୍ଞାନିକ ପୁରସ୍କାର ୨୦୨୬ ପ୍ରଦାନ କରାଯାଇଥିଲା। ଅତିଥିଙ୍କ ଦ୍ୱାରା 'ଏଫ୍ଏମ୍‌ୟୁ ଫାକଲ୍‌ଟି କମ୍ପେଣ୍ଡିଅମ୍ ୨୦୨୬' ଉନ୍ମୋଚନ କରାଯାଇଥିଲା। ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ମନୋରଞ୍ଜନ ମିଶ୍ର, ଡ. ମନୋଜିତ ଭଟ୍ଟାଚାର୍ଯ୍ୟ, ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ, ପ୍ରଫେସର ଦେବାଶିଷ ପାତ୍ର ଓ ଡ. ସମୀର ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ଷ୍ଟାନଫୋର୍ଡ଼ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱର ଶୀର୍ଷ ୨% ବୈଜ୍ଞାନିକଙ୍କ ତାଲିକାରେ ସ୍ଥାନ ପାଇଥିବା ପ୍ରଫେସର ପଙ୍କଜ କୁମାର ପାଢ଼ି, ପ୍ରଫେସର ଗୌରଙ୍ଗ ସାମନ୍ତ ଓ ଡ. ମନୋଜିତ ଭଟ୍ଟାଚାର୍ଯ୍ୟଙ୍କୁ ନଗଦ ଅର୍ଥ ପୁରସ୍କାର ଦିଆଯାଇଥିଲା। ମହିଳା ଅଧ୍ୟାପକମାନେ ନିଜର ଗବେଷଣା ପୋଷ୍ଟର ପ୍ରଦର୍ଶନ କରିଥିଲେ। ଆୟୋଜକ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ସ୍ୱାଗତ ଉଦ୍‌ବୋଧନ ରଖିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ବକ୍ତବ୍ୟ ଦେଇଥିଲେ। ଡ. ବିବେକାନନ୍ଦ ନାୟକ ସଂଯୋଜନା, ଡ. ମନୋଜିତ ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର

**ଖଇରା, ୨୮।୨(ଉତ୍କଳବନ୍ଧୁ ପଣ୍ଡା)**

ଓଡିଶା ସରକାରଙ୍କ ପ୍ରାୟୋଜିତ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ବୁଧବାର ଆରମ୍ଭ ହୋଇ ସାରିଥିବା ବେଳେ ମୁଖ୍ୟ ପ୍ରଶିକ୍ଷିକା ସୁନିତା ଗୁଣ୍ଡୁହାଳଙ୍କ ଦ୍ୱାରା ପିଲାମାନଙ୍କୁ ସଙ୍କଟ ସମୟରେ କିଭଳି ନିଜକୁ ସୁରକ୍ଷା କରିପାରିବେ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି । ଶିବିର ସଂଯୋଜିକା ଏଲିସା ସେଠୀ ଓ ସହ ସଂଯୋଜିକା ଉଷାକିନୀ ନାୟକଙ୍କ ତତ୍ତ୍ୱାବଧାନରେ +୩ ପ୍ରଥମ ବର୍ଷ କଳା, ବାଣିଜ୍ୟ ଓ ବିଜ୍ଞାନର୨୮୧ଜଣ ଛାତ୍ରୀଙ୍କୁ ୬ଟି ଗ୍ରୁପରେ ବିଭକ୍ତ କରାଯାଇ ବିଭିନ୍ନ କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି। ଅଧ୍ୟକ୍ଷ ଡ. ଲକ୍ଷ୍ମୀକାନ୍ତ ନାୟକ ଶିବିରର ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ କିରାଣି ଅକ୍ଷାଂଶୁ ଶେଖର ଦଳାଇ ଓ ସହାୟକ ତାପସ କୁମାର ଦାସଙ୍କ ସହଯୋଗରେ ଏହି ଶିବିର ମାର୍ଚ୍ଚ ୬ତାରିଖ ପର୍ଯ୍ୟନ୍ତ ଶିବିର ଚାଲିବାର କାର୍ଯ୍ୟକ୍ରମ ଅଛି ।


ମୁଖ୍ୟ ପ୍ରଶିକ୍ଷିକା ପିଲାମାନଙ୍କୁ ବିଭିନ୍ନ କୌଶଳ ଶିଖାଉଛନ୍ତି ।

# ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

**ଚାନ୍ଦବାଲି,୨୮।୨(ଅଶୋକ ପଣ୍ଡା)**

ଚାନ୍ଦବାଲି ବ୍ଲକ ମାଝିଗାଁସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ଶନିବାର ବାର୍ଷିକୋତ୍ସବ 'ଆରୋହଣ' ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ଗଙ୍ଗାଧର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ ଯୋଗଦେଇ ଜଣେ ଉତ୍ତମ ଛାତ୍ରରୁ ଉତ୍ତମ ନାଗରିକ ହୋଇ ସାମାଜିକ କଲ୍ୟାଣ ଓ ଦେଶସେବାରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ବିଡିଓ ଲକ୍ଷ୍ମୀକାନ୍ତ ମହାରଣା ଯୋଗ ଦେଇଥିଲେ। କଳାଶିକ୍ଷକ ଅବିନାଶ ଦାସଙ୍କ ପୌରୋହିତ୍ୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଏକ ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଭବତୋଷ ବେହେରା, ବିକାଶ କୁମାର ନାୟକ ଓ ଅନନ୍ୟା ସାହୁ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ମଙ୍ଗଲ୍ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏସ୍‌କେ ସଜତ, ଚନ୍ଦ୍ରକାନ୍ତ ଦାସ, ଗାୟତ୍ରୀ ଧଳ, ମନସ୍ୱିନୀ ପଣ୍ଡା, ଶୁଭ୍ରାଞ୍ଜଳି ସେନାପତି, ଉତ୍କଳ ଜେନା, ଗୌରୀଶଙ୍କର ନାୟକ, ଅଶୋକ ପଲାଇ, ବିକ୍ରମ କେଶରୀ ନାୟକ ଓ ଅମରେଶ ମାହୁନ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବାଲି ଖାଦାନରେ ଖଣି ବିଭାଗର ଚଢ଼ାଉ

**ବାଲେଶ୍ୱର, ୨୮।୨(ବାଞ୍ଛାନିଧି ଦେ)**

ବାଲେଶ୍ୱର ଖଣି ବିଭାଗ ଓ ରେମୁଣା ତହସିଲ ପକ୍ଷରୁ ଶନିବାର ମିଳିତ ଭାବେ ଚଢ଼ାଉ କରାଯାଇଛି। ରେମୁଣା ତହସିଲ ଅନ୍ତର୍ଗତ କାଠସଙ୍ଗଡ଼ାଠାରେ ବେଆଇନ ଭାବେ ବାଲି ଖନନ ଓ ପରିବହନ ଚାଲୁଥିବା ଖବର ପାଇ ବିଭାଗ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇଥିଲା। ଜିଲା ଖଣି ଅଧିକାରୀ ଜଗନ ବେହେରା, ରେମୁଣା ତହସିଲଦାର ଭର୍ତ୍ତୃହରି ଭୂୟାଁଙ୍କ ନେତୃତ୍ୱରେ ଏପିଆର୍ ଫୋର୍ସ ଓ ରେମୁଣା ଥାନା ପୋଲିସ୍ ଚଢ଼ାଉ କରି ବାଲି ଉତ୍ତୋଳନ ଓ ପରିବହନରେ ନିୟୋଜିତ ୫ଟି ହାଇୱା, ୧ଟି ଟିପ୍ପର ଓ ୪ଟି ଏକ୍ସକାଭେଟର ଜବତ କରିଥିଲେ। ଓଏମ୍‌ଏମ୍‌ସି ନିୟମାବଳୀ ଓ ଆଇନ ଅନୁଯାୟୀ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନା ଯେ, ଏହି ଖାଦାନରେ ବାଲି ବ୍ୟବସାୟୀମାନେ ନିୟମିତ ଅବାଧରେ ବାଲି ଖନନ କରି ଚୋରାଚାଲାଣ କରିଆସୁଛନ୍ତି। ବ୍ୟବସାୟୀ ଓ ବାଲି ଉତ୍ତୋଳନ ଓ ପରିବହନରେ ନିୟୋଜିତ ଗାଡ଼ିମାଲିକମାନେ ମାଲେମାଲ ହେଉଥିବା ବେଳେ ବିପୁଳ ରାଜସ୍ୱହାନି ହେଉଛି। ଅପରପକ୍ଷରେ ବେଧଡ଼କ ବାଲି ଖନନ ଯୋଗୁ ନଦୀପାର୍ଶ୍ୱ ଅତଡ଼ା ଖାଇବା ସହ ସ୍ଥାନୀୟ ଗ୍ରାମ ପ୍ରତି ବିପଦ ସୃଷ୍ଟି ହେଉଛି।

# ଦୋକାନରେ ନିଆଁ ଲାଗି ଜଳିଗଲା ଆସବାବପତ୍ର

ବାଲିଆପାଳ,୨୮।୨(ଗୋପାଳ ଚନ୍ଦ୍ର ସାହୁ): ବାଲିଆପାଳ ଥାନା ଅଧୀନ ଜାମକୁଣ୍ଡା ଛକରେ ଥିବା ରାଧାକୃଷ୍ଣ ଜୁଏଲେରୀ ଦୋକାନରେ ଶୁକ୍ରବାର ବିଳମ୍ବିତ ରାତିରେ ସର୍ଟସର୍କିଟରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଥିବା ଦୋକାନ ମାଲିକ ହେମନ୍ତ ରଣା ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ କରି ଫେରିଛି। ଶୁକ୍ରବାର ଅପରାହ୍ନରୁ ବାଲିଆପାଳ ବିଦ୍ୟୁତ ଷ୍ଟ୍ରକଚରରେ ଥିବା ଏକ ପାୱାର ଟ୍ରାନ୍ସଫର୍ମରରେ ଯାନ୍ତ୍ରିକ ତ୍ରୁଟି ଥିବାରୁ ତାହା ମରାମତି ହେବା ପରେ ପ୍ରାୟତଃ ରାତି ସାଢ଼େ ୮ଟାରେ ବିଦ୍ୟୁତ ସରବରାହ ଦିଆଯାଇଥିଲା। ମାତ୍ର ଲାଇନ ବାରମ୍ବାର ଯିବା ଆସିବା କରିଥିଲା। ରଣା ସବୁଦିନ ପରି ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଶନିବାର ସକାଳ ଦୋକାନ ଖୋଲିଲା ବେଳକୁ ଦୋକାନ ଭିତରେ ଏସିଠାରୁ ଆରମ୍ଭ କରି ବିଭିନ୍ନ ଇଲେକ୍ଟ୍ରି ସାମଗ୍ରୀ ପୋଡ଼ିଯାଇଥିବା ଦେଖିଥିଲେ। ରଣା ଏନେଇ ବାଲିଆପାଳ ଥାନାରେ ଏତଲା ଦେବା ସହିତ ବିଦ୍ୟୁତ ବିଭାଗକୁ ମଧ୍ୟ ଅବଗତ କରିଥିବା କହିଛନ୍ତି।

# ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

ବାହାନଗା, ୨୮। ୨(ଅରୂପ କୁମାର ଦାସ): ଆସନ୍ତା ମାର୍ଚ୍ଚ ୫ରୁ ୯ତାରିଖ ପର୍ଯ୍ୟନ୍ତ ବାହାନଗା ବ୍ଲକ ଖନ୍ତାପଡାସ୍ଥିତ ରାଧାମାଧବ ମନ୍ଦିର ଗୌଡ଼ିଆ ମଠ ଆନୁକୂଲ୍ୟରେ ଶ୍ରୀରାମ ନୂତନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଶନିବାର ଅପରାହ୍ନରେ ମନ୍ଦିର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖ୍ୟ ପୂଜ୍ୟପାଦ ତ୍ରିଦାଣ୍ଡି ସ୍ୱାମୀ ଭକ୍ତି ବିଳାସ ପର୍ଯ୍ୟଟକ ମହାରାଜ ସୂଚନା ଦେଇଛନ୍ତି। ଏହି ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ଭାରତର ବିଭିନ୍ନ ତୀର୍ଥସ୍ଥାନ ସମେତ ବିଭିନ୍ନ ପ୍ରାନ୍ତରେ ଥିବା ଗୌଡ଼ିଆ ମଠର ସାଧୁସନ୍ଥ, ମହାପୁରୁଷ, ବାବାମାନେ ଯୋଗଦେବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥିସହିତ ପ୍ରଥମ ଦିନ ଅଧିବାସ ସହିତ ଶ୍ରୀମଦ ଭାଗବତ ଗୀତ ପାରାୟଣ ଆଦି କରାଯିବା ବୋଲି ପ୍ରକାଶ କରିଥିଲେ। ଏହାସହିତ ଧର୍ମସଭା କରାଯିବ। ଏହି ଖବରଦାତା ସମ୍ମିଳନୀରେ ମଠର ଗୋବିନ୍ଦ ଦାସ ପ୍ରଭୁ, ହରେକୃଷ୍ଣ ଦାସ ପ୍ରଭୁ, କମଳାକାନ୍ତ ଦାସ ଓ ବାପି ପ୍ରଭୁ ପ୍ରମୁଖ ଉପସ୍ଥିତ ରହି ଶ୍ରୀରାମଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ବାବଦରେ ପ୍ରକାଶ କରିଥିଲେ।

# ଫିକା ପଡୁଛି ମେଳଣ ପରମ୍ପରା

**ପ୍ରସିଦ୍ଧ ପିଙ୍ଗାବଣିଆ ହୋଲି**

**ଆଗଭଳି ଆସୁନାହାଁନ୍ତି ରାଧାକୃଷ୍ଣଙ୍କ ବିମାନ**

**ବାଲେଶ୍ୱର,୨୮।୨(ବାଞ୍ଛାନିଧି ଦେ)**

ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ସୀମାନ୍ତରେ ଶହେରୁ ଉର୍ଦ୍ଧ୍ୱ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି ପ୍ରସିଦ୍ଧ ପିଙ୍ଗାବଣିଆ ଦୋଳମେଳଣ। ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଆଦି ରାଜ୍ୟରେ ଏହା ପିଙ୍ଗାବଣିଆ ହୋଲି ଭାବେ ଖ୍ୟାତିଅର୍ଜନ କରିଛି। ଐତିହ୍ୟ, ପରମ୍ପରା ଓ ସଂସ୍କୃତିସମ୍ପନ୍ନ ଏହି ମେଳଣରେ ଆଗ ଭଳି ଆଉ ବିଗ୍ରହମାନଙ୍କୁ ନିମନ୍ତ୍ରଣ କରାଯାଉନାହିଁ। ଦୋଳ ବିମାନରେ ରାଧାକୃଷ୍ଣଙ୍କ ବିଗ୍ରହ ସାମିଲ ହେଉନାହାନ୍ତି। କେବଳ ଗାଁରେ ପୂଜା ପାଉଥିବା ରାଧାକୃଷ୍ଣଙ୍କ ବିଗ୍ରହ ଦୋଳ ବିମାନରେ ମେଳଣ ପଡ଼ିଆ ପରିକ୍ରମା କରନ୍ତି। ବର୍ଷକୁ ବର୍ଷ ଏହି ମେଳଣରେ ବ୍ୟବସାୟିକ କାରବାର ବଢ଼ି ଚାଲିଥିବା ବେଳେ ଆଧୁନିକତାର ଚାକଚକ୍ୟ ଭିତରେ ପୂର୍ବ ପରମ୍ପରା ଫିକା ପଡୁଥିବା ପରିଲକ୍ଷିତ ହେଉଛି।

ଚାରିଦିନ ବ୍ୟାପୀ ଏହି ମେଳାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୁଏ। ଉଠା ବ୍ୟବସାୟୀଙ୍କ ଭିଡ଼ ଜମେ। ଖିଚିଂର ପ୍ରସ୍ତର ମୂର୍ତ୍ତି, ରେମୁଣାର କଂସା ବାସନ, ପିପିଲିର ଚାନ୍ଦୁଆ, ଚନ୍ଦନେଶ୍ୱର ଓ ଭୋଗରାଇର ମଶିଣା ଠାରୁ ଆରମ୍ଭ କରି ବେତ ପାଛିଆ, ମାଛ ଧରା ଜାଲ, ଚଣାଉଖୁଡ଼ା, ବିଞ୍ଚଣା, ଚଲାଚାଲୁଣୀ ଆଦି ସମସ୍ତ ଘରକରଣା ଜିନିଷ ଏହି ମେଳାରେ ମିଳିଥାଏ। ହେଲେ ସମଗ୍ର ଓଡ଼ିଶାର ପ୍ରସିଦ୍ଧି ଅର୍ଜନ କରିଥିବା ଏହି ମେଳାର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସଂସ୍କୃତି, ପର୍ଯ୍ୟଟନ ବିଭାଗର ଦୃଷ୍ଟି ନାହିଁ। ଚଳିତବର୍ଷ ବାଲେଶ୍ୱର ଜିଲାର ପିଙ୍ଗାବଣିଆ ମେଳା ପଡ଼ିଆକୁ ୬ଲକ୍ଷ ୧ହଜାର ଟଙ୍କାରେ ପଞ୍ଚାୟତ କର୍ତ୍ତୃପକ୍ଷ ନିଲାମ ନେଇଥିବା ବେଳେ ମୟୂରଭଞ୍ଜର ପୁରୁଣିଆ ମେଳା ପଡ଼ିଆକୁ ୬ଲକ୍ଷ ୩୫ହଜାର ଟଙ୍କାରେ ନିଲାମ ଦିଆଯାଇଛି।


ଗାଁରେ ପୂଜା ପାଉଥିବା ରାଧାକୃଷ୍ଣଙ୍କ ବିଗ୍ରହ।

**ସେମାନେ ଯାହା କହନ୍ତି ......**

" ପୂର୍ବରୁ ବିଭିନ୍ନ ଅଞ୍ଚଳରୁ ୨୫ରୁ ଉର୍ଦ୍ଧ୍ୱ ରାଧାକୃଷ୍ଣଙ୍କ ବିଗ୍ରହ ବିମାନରେ ସାମିଲ ହେଉଥିଲେ। ଏବେ ଆଧାତ୍ମିକ ଭାବ କମିଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଶହେ ବର୍ଷ ଧରି ଏହି ମେଳା ଅନୁଷ୍ଠିତ ହୋଇଆସୁଛି।

**- ସର୍ବେଶ୍ୱର ସାହୁ, ବରିଷ୍ଠ ନାଗରିକ।**

" ଗୁରୁତ୍ୱ ଦୃଷ୍ଟିରୁ ରାଜ୍ୟ ସଂସ୍କୃତି, ପର୍ଯ୍ୟଟନ ତଥା ଶିଳ୍ପ ବାଣିଜ୍ୟ ବିଭାଗ ତରଫରୁ ବିଭିନ୍ନ ପ୍ରଦର୍ଶନୀ ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବା ଆବଶ୍ୟକ। ମେଳା ପଡ଼ିଆର ଉନ୍ନତିକରଣ ପାଇଁ ସରକାରଙ୍କ ପଦକ୍ଷେପ ଜରୁରୀ।

**-ମାଳତୀ ପ୍ରଧାନ, ସରପଞ୍ଚ, ରୂପସା ସାମିଲ ହାସନପୁର।**

" ମହିଳାଙ୍କ ନିରାପତ୍ତା ଓ ଶାନ୍ତିଶୃଙ୍ଖଳା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ନିଶା ବେପାରୀ ଓ ଅପରାଧୀଙ୍କୁ ଦମନ କରିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି।

**- ଆଇଆଇସି ସୌମ୍ୟଚିତ୍ ମିଶ୍ର, ରୂପସା ଥାନା ଅଧିକାରୀ।**

# ଭଦ୍ରକ କଲେଜରେ ଯୋଗଦେଲେ ନୂତନ ଅଧ୍ୟକ୍ଷ

**ଭଦ୍ରକ,୨୮।୨(ସନାତନ ରାଉତ)**

ଉଚ୍ଚଶିକ୍ଷା ବିଭାଗର ଚିଠି ନଂ. ୬୮୩୫ ଫେବୃଆରୀ ୭ ତାରିଖ ଅନୁସାରେ ଭଦ୍ରକ କଲେଜର ନୂତନ ଅଧ୍ୟକ୍ଷ ଭାବେ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଡ. ରଜତ କୁମାର ପ୍ରଧାନ ଯୋଗ ଦେଇଛନ୍ତି। ଶନିବାର ଅପରାହ୍ନ ୪ଟାରେ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପଦାର୍ଥ ବିଜ୍ଞାନରେ ଓପିଏସ୍‌ସି ଟପ୍ପର ପ୍ରଧାନ ୧୯୯୯ରୁ ଚାକିରି ଆରମ୍ଭ କରିଥିବା ବେଳେ ଜଣେ ପ୍ରାଧ୍ୟାପକ, ଗବେଷକ ଓ ପ୍ରଶାସକ ଭାବେ ଦକ୍ଷତାର ପରିଚୟ ପ୍ରତିପାଦନ କରିଛନ୍ତି। ପଦାର୍ଥ ବିଜ୍ଞାନରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଲାଭ କରିଥିବା ବେଳେ ଗବେଷକ ଭାବେ ପଦାର୍ଥ ବିଜ୍ଞାନ, ଦର୍ଶନଶାସ୍ତ୍ର, ମନୋବିଜ୍ଞାନ, ପବ୍ଲିକ ହେଲ୍‌ଥ ଆଦି କ୍ଷେତ୍ରରେ ୭୦ରୁ ଉର୍ଦ୍ଧ୍ୱ ଗବେଷଣାତ୍ମକ ନିବନ୍ଧ ରଚନା କରି ବିଶ୍ୱସ୍ତରୀୟ ଖ୍ୟାତି ଅର୍ଜନ କରିଛନ୍ତି। ଭଦ୍ରକ କଲେଜରେ ଯୋଗଦେବା ପରେ ପ୍ରଶାସନିକ, ଶୈକ୍ଷିକ, ଭିତ୍ତିଭୂମି, ଗବେଷଣା ଓ ପରୀକ୍ଷା ନିୟନ୍ତ୍ରଣ ବିଭାଗଗୁଡ଼ିକରେ ସଂସ୍କାର ଆଣିବା ପାଇଁ ପ୍ରାଥମିକତା ଦେବେ ବୋଲି ସେ କହିଛନ୍ତି। ସେ ଏହି କଲେଜର ପୁରାତନ ଛାତ୍ର ହୋଇଥିବା ବେଳେ ଭଦ୍ରକ ଜିଲା ବନ୍ତ ବ୍ଲକ କଟିଣା ଗ୍ରାମରେ ତାଙ୍କ ଘର। ଏହି କଲେଜରେ ଦୀର୍ଘଦିନ ଧରି ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ମିଳି ନ ଥିବା ବେଳେ ଡ. ପ୍ରଧାନଙ୍କ ଯୋଗଦାନ ନୂତନ ଆଶା ସଞ୍ଚାର କରିଛି।


ଡ. ରଜତ କୁମାର ପ୍ରଧାନ।

# ସଡ଼କ ଦୁର୍ଘଟଣାରେ ଚାଲିଗଲା ୪ ଜୀବନ

**କେନ୍ଦୁଝର ଜିଲାରେ ଶନିବାର ବିଭିନ୍ନ ବ୍ଲକ୍ ଅଞ୍ଚଳରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୪ ଜଣଙ୍କ ଜୀବନ ଯାଇଛି। ଦୁର୍ଘଟଣାରେ ୪ରୁ ଊର୍ଦ୍ଧ୍ୱ ଗୁରୁତର ହୋଇଥିବା ବେଳେ ଗାଡ଼ି ଭାଙ୍ଗିରୁଜି ଯାଇଛି। ରାସ୍ତା ଖରାପ ଓ ବେପରୁଆ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ଘଟିଥିବା କୁହାଯାଉଥିବା ବେଳେ ସମସ୍ତ ଘଟଣାରେ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ ଚଳାଇଛି।**

## ଖାଲରେ ପଡ଼ି ବାଇକ୍ ଆରୋହୀ ମୃତ

ଢେଙ୍କିକୋଟ,୨୮।୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଭୋଲବେଡା ଶାଳ ବୁଲାଣି ରାସ୍ତାରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ପୋଲିସ ବିଟ ହାଉସ ଅନ୍ତର୍ଗତ ସାନ୍ତରାପୁର ପଞ୍ଚାୟତ ସାନ୍ତରାପୁର ଗ୍ରାମର ହରେକୃଷ୍ଣ ମହାନ୍ତଙ୍କ ପୁଅ ଚିନ୍ତାମଣି ମହାନ୍ତ(୪୦)। ସେ ଶୁକ୍ରବାର ଶ୍ୱଶୁର ଘର ସଦର ବ୍ଲକ୍ ଚକଡ୍ୟାମ ମଣ୍ଡାଟାଙ୍ଗରକୁ ଯାଇଥିଲେ। ଶନିବାର ଭୋର ସମୟରେ ନିଜ ମାମୁଁ ଶଶୁର ଘର ବୁଲିକି ଭୋଲବେଡ଼ା ରାସ୍ତାରେ ଘରକୁ ଫେରୁଥିଲେ। ଭୋଲବେଡ଼ା ଶାଳଗ୍ରାମ ନିକଟରେ ବୁଲାଣି ରାସ୍ତାରେ ବାଇକ୍ ଭାରସାମ୍ୟ ହରାଇ ଖାଲରେ ପଡ଼ିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପାଟଣା ଡାକ୍ତରଖାନାକୁ ପଠାଇଥିଲେ। ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଢେଙ୍କିକୋଟ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକ ପହଞ୍ଚି ମୃତଦେହ ଜବତ କରିଥିଲେ। ଘଟଗାଁ ଥାନାରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ କରୁଛନ୍ତି।

## ବାଇକ୍-ପିକ୍ଅପ୍ ଧକ୍କା, ୨ ଜଣଙ୍କ ମୃତ୍ୟୁ

ଚମ୍ପୁଆ,୨୮।୨(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ଜଡ଼ିପଦା ନିକଟରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ବାଇକ୍ ଓ ପିକ୍ଅପ୍ ମଧ୍ୟରେ ମୁହାଁମୁହିଁ ଧକ୍କାରୁ ବାଇକ୍ ଆରୋହୀଙ୍କ ସମେତ ୨ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ସାତହଳିଆ ଗ୍ରାମର ଯାଦବ ମୁଣ୍ଡା ଓ ଶୁକୁରା ମୁଣ୍ଡା।

ସୂଚନା ଅନୁସାରେ, ଅପରାହ୍ଣରେ ଯାଦବ ଓ ଶୁକୁରା ବାଇକ (ଓଡ଼ି ୦୯ ଏସ ୬୧୪୨)ଯୋଗେ ଝାଡ଼ଖଣ୍ଡରୁ ଗାଁକୁ ଫେରୁଥିଲେ। ଜଡ଼ିପଦା ନିକଟରେ ସମ୍ମୁଖରୁ ଆସୁଥିବା ପିକ୍ଅପ (ନଂ. ଓଡି ୧୪ ଏଜେ ୬୫୩୨) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଚମ୍ପୁଆ ପୋଲିସ ମାମଲା (ନଂ.୭୭/୨୬) ରୁଜୁ କରି ୨ ଗାଡ଼ିକୁ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ୨ ଖଣିଜ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ, ଜଣେ ମୃତ

ଯୋଡ଼ା,୨୮।୨(ମାନସ ମହାନ୍ତି): କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ନୟାଗଡ଼ ବୈତରଣୀ ପୋଲ ନିକଟରେ ୨ ହାଇୱା (ନଂ. ଓଡି ୦୯ ଜେଡ ୪୮୫୩ ଓ ଓଡି ୦୯ ଏଏ ୭୫୨୬) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ଆଉ ଜଣେ ଟ୍ରକ୍ ଡ୍ରାଇଭର ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ବାମେବାରୀ ଆଡୁ ଖଣିଜ ବୋଝେଇ କରି ଯାଉଥିବା ବେଳେ ସମ୍ମୁଖରୁ ଆସୁଥିବା ଅନ୍ୟ ଏକ ଟ୍ରକ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାରେସ୍ଥଳରେ ଗୋଟିଏ ଟ୍ରକର ଡ୍ରାଇଭର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମୃତ ଡ୍ରାଇଭରଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ତାଙ୍କ ଘର ବିହାର ରାଜ୍ୟରେ ବୋଲି ପ୍ରାଥମିକ ତଦନ୍ତରୁ



ଜଣାପଡ଼ିଥିବା ଆଇଆଇସି ଯସକେତନ ଭୋଇ ସୂଚନା ଦେଇଛନ୍ତି। ଉକ୍ତ ପୋଲ ନିକଟରେ ରାସ୍ତା ସଙ୍କୁଚିତ ଥିବା ତଥା ବେପରୁଆ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

## ୨ ବାଇକ୍ ମୁହାଁମୁହିଁ, ଦୁଇ ଗୁରୁତର

ଢେଙ୍କିକୋଟ,୨୮।୨
(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ୍ ଅନ୍ତର୍ଗତ ଜାତୀୟ ରାଜପଥ ୨୦ ନଂ. ପିପିଳିଆ ଗ୍ରାମ ନିକଟରେ ଶନିବାର ସନ୍ଧ୍ୟାରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ୨ ଆରୋହୀ ଗୁରୁତର ହୋଇଛନ୍ତି। ଢେଙ୍କିକୋଟ ସପ୍ତାହିକ ହାଟ ସାରି ଅସନବଣି ଗ୍ରାମର ସୁଶାନ୍ତ ନାୟକ(୪୨) ନିଜ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ସେ ସମୟରେ ପିପିଳିଆ ଗ୍ରାମର ପଦ୍ମଲୋଚନ ନାୟକ (୩୮) ବୁଲେଟ ଯୋଗେ ଢେଙ୍କିକୋଟ ଅଭିମୁଖେ ଆସୁଥିଲେ। ପିପିଳିଆ ଓଭରବ୍ରିଜ ନିକଟରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କେନ୍ଦୁଝର ମେଡିକାଲ କଲେଜକୁ ପଠାଇଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରି କଟକକୁ ସ୍ଥାନାନ୍ତର କରିଛନ୍ତି। ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ତଦନ୍ତ କରୁଛନ୍ତି।

## ଆଜି ରାଜସ୍ୱ ମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର,୨୮।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରବିବାର ଦିନିକିଆ କେନ୍ଦୁଝର ଜିଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ସମ୍ବଲପୁରରୁ ହେଲିକପ୍ଟର ଯୋଗେ ଘଟଗାଁରେ ପୂର୍ବାହ୍ଣ ୧୦ଟା ୧୫ରେ ପହଞ୍ଚି ସେଠାରେ ମା’ ତାରିଣୀଙ୍କ ଦର୍ଶନ କରିବେ। ସେଠାରୁ କେନ୍ଦୁଝର ଆସି ମଧ୍ୟାହ୍ନ ୧୨ଟା ୨୦ରେ ସର୍କିଟ ହାଉସ ଯାଇ ସେଠାରେ ଜିଲାସ୍ତରୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବେ। ସେଠାରେ ମଧ୍ୟାହ୍ନ ଭୋଜନ ଓ ବିଶ୍ରାମ କରିବା ପରେ ସଦର ବ୍ଲକ୍ ରାଇକଳା ଗ୍ରାମକୁ ଯାଇ ଅପରାହ୍ଣ ୩ ଟାରେ ଏକ କ୍ରିକେଟ ପ୍ରତିଯୋଗିତାରେ ଯୋଗଦେବା ସହ ସାଧାରଣ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ଣ ୪ଟା ୩୦ରେ ଝାରସୁଗୁଡ଼ା ଯିବେ ବୋଲି ସୂଚନା ମିଳିଛି।

## ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା

ପାଟଣା,୨୮।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗାସ୍ଥିତ ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତ୍ରୈଲକ୍ୟ କୁମାର ପରିଡା ଶନିବାର ସରକାରୀ ଚାକିରିରୁ ଅବସରଗ୍ରହଣ କରିଛନ୍ତି। ନୂତନ ଅଧ୍ୟକ୍ଷ ଭାବରେ ଅଜୟ କୁମାର ବେହେରାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଅବସରରେ ଶନିବାର ମହାବିଦ୍ୟାଳୟ ପରିସରରେ ଡ. ପରିଡ଼ାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ସଭାପତି ତଥା କେନ୍ଦୁଝର ଉପ ଜିଲାପାଳ ଉମାଶଙ୍କର ଦଳେଇ, ସମ୍ମାନିତ ଅତିଥିଭାବରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ ସମ୍ପାଦକ ଶିଳ୍ପପତି ପ୍ରତାପ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଡ. ପରିଡ଼ା ତାଙ୍କ ୩୦ ବର୍ଷର ଅଧ୍ୟାପକ ଓ ଅଧ୍ୟକ୍ଷ କାର୍ଯ୍ୟକାଳ ମଧ୍ୟରେ ଛାତ୍ରୀଛାତ୍ରଙ୍କ ଶ୍ରଦ୍ଧାଭାଜନ ହେବା ସହ ମହାବିଦ୍ୟାଳୟ ଉନ୍ନତିରେ ନିଜକୁ ସମର୍ପିତ କରିଥିଲେ ବୋଲି କହିଥିଲେ। ଏଥିସହ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ କରାଯାଇଥିଲା। ଓଡ଼ିଆ ଅଧ୍ୟାପକ ପଦ୍ମଲୋଚନ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଅଜୟ ବେହେରା, ତ୍ରିନାଥ ମହାନ୍ତ, ଜଗତଜନନୀ ଜେନାଙ୍କ ସହ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ବଉଳା,୨୮।୨(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଦଧିବାମନପୁର ସରକାରୀ ଉନ୍ନୀତ ମଧ ଇଲିଂଶ ବିଦ୍ୟାଳୟର ୫୧ତମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାବତୀ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଶିକ୍ଷାଧିକାରୀ ରାଜୀବ ଦଳେଇ, ମୁଖ୍ୟ ବକ୍ତା ପ୍ରାକ୍ତନ ମଣ୍ଡଳ ଶିକ୍ଷା ଅଧିକାରୀ ଧନେଶ୍ୱର ଖଣ୍ଡେଇ, ସମ୍ମାନିତ ଅତିଥି ଭାରପ୍ରାପ୍ତ ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ ଧନେଶ୍ୱର ଖଣ୍ଡେଇ, ସମ୍ମାନିତ ଅତିଥି ଭାରପ୍ରାପ୍ତ ସହକାରୀ ବ୍ଲକ୍ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ବ୍ଲକ୍ ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ଶ୍ରୀକାନ୍ତ ବିଶ୍ୱାଳ, କୃଷି ମାରୁତି ମୋଟର କର୍ମଚାରୀ କଟକର ପ୍ରମୋଦ ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବଳରାମ ଜେନା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ମାଳତୀ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଅନିରୁଦ୍ଧ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ସାହୁ, ପ୍ରଜ୍ଞାପରମିତା ପାଢ଼ୀ, ଶିକ୍ଷକ ଅନାମ ସାମଲ, ଶିଶୁ ସେବିକା ମୟୁରୀ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଭାତୀ ଜେନା, ପ୍ରକାଶ ଜେନା, କାଳନ୍ଦୀ ଜେନା, କୃଷ୍ଣଚନ୍ଦ୍ର ଜେନା ଓ କମିଟିର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ବିଦେଶୀ ମଦ ଜବତ, ଯୁବକ ଅଟକ

ପାଟଣା,୨୮।୨
(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ତେଣ୍ଡେରା ହାଟଛକରେ ଥିବା ଜୋତା ଦୋକାନରୁ ଶନିବାର ପୋଲିସ ବିଦେଶୀ ମଦ ଜବତ କରିଛି। ଦୋକାନରେ ବେଆଇନ ଭାବେ ମଦ ରଖି ବ୍ୟବସାୟ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖି ତଦନ୍ତ କରୁଛି। ଶନିବାର ତେଣ୍ଡେରାରେ ସାପ୍ତାହିକ ହାଟ ଥିଲା। ହାଟରେ ଯୁବକ ଚଢ଼ା ଦରରେ ବେଆଇନ ଭାବେ ବିଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ପୋଲିସ ଚଢ଼ାଉ କରିଥିଲା। ପୋଲିସ ଦୋକାନରୁ ମୋଟ ୧୩ ଲିଟର ବିଦେଶୀ ମଦ ଜବତ କରିଛି। ପାଟଣା ଥାନାରେ ଏକ ମାମଲା(ନଂ. ୭୯/୨୬)ରୁଜୁ ହୋଇଥିବା ଥାନା ଅଧିକାରୀ କିରଣ ପ୍ରସାଦ ସାହୁ କହିଛନ୍ତି।

## ପରିବାରକୁ ରାଶନକାର୍ଡ ପ୍ରଦାନକଲେ ବିଡିଓ

କେନ୍ଦୁଝର,୨୮।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

**ଧରିତ୍ରୀ ପ୍ରଭାବ**

**‘ଜେଜେ ମା’ କାନ୍ଧରେ କୁନି ନାତୁଣୀନାତିଙ୍କ ବୋଝ’ ଘଟଣା**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ କୁଣ୍ଡେଇ ଗ୍ରାମରେ ମା’ବାପାଙ୍କ ମୃତ୍ୟୁ ପରେ ବୃଦ୍ଧା ଜେଜେ ମା’ ଦୁଃଖକଷ୍ଟରେ ଛୋଟ ନାତୁଣୀ, ନାତିଙ୍କ ଲାଳନପାଳନ କରୁଛନ୍ତି। ଉକ୍ତ ଖବର ‘ଜେଜେ ମା’ କାନ୍ଧରେ କୁନି ନାତୁଣୀନାତିଙ୍କ ବୋଝ’ ଶୀର୍ଷକ ଖବର ‘ଧରିତ୍ରୀ’ରେ ଶୁକ୍ରବାର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପରେ ଶନିବାର ବାଂଶପାଳ ବିଡିଓ ରାଜା ରଣଜିତ ପ୍ରତାପ ବଳ ଗ୍ରାମରେ ପହଞ୍ଚିଥିଲେ। ଅସହାୟ ବୃଦ୍ଧା ଚାର୍ମୀ ମୁଣ୍ଡା ଏବଂ ନାତୁଣୀ, ନାତିଙ୍କୁ ଭେଟି ଏକ ମାସର ରାଶନ ସାମଗ୍ରୀ, ନୂତନ ରାଶନକାର୍ଡ ପ୍ରଦାନ କରିଛନ୍ତି। ୨ ପିଲାଙ୍କୁ ଶିଶୁ ସୁରକ୍ଷା କେନ୍ଦ୍ରକୁ ପଠାଇବାର ବ୍ୟବସ୍ଥା କରିବା ସହ ଆବଶ୍ୟକ ସହାୟତା ଦେବାକୁ ପଦକ୍ଷେପ ନେଇଛନ୍ତି।

ପ୍ରକାଶ ଯେ, ଅର୍ଥାଭାବ ଓ ସହାୟତା ଅଭାବରୁ ୭୦ ବର୍ଷ ବୟସ୍କା ଚାର୍ମୀ ମୁଣ୍ଡା ୯ ଓ ୪ ବର୍ଷର ମା’ବାପା ଛେଉଣ୍ଡ ନାତୁଣୀ ଓ ନାତିଙ୍କୁ ଧରି ବହୁ ଅସୁବିଧାର ରହୁଥିଲେ। ୭୦ ବର୍ଷ ବୟସରେ ବୁଢ଼ୀ ଜେଜେ ମା’ ୨ କୋମଳ ନାତୁଣୀ, ନାତିଙ୍କ ଭବିଷ୍ୟତକୁ ନେଇ ଚିନ୍ତିତ ଥିଲେ। କୌଣସି ସରକାରୀ ସୁବିଧା ମଧ ମିଳୁଥିବା କହିଥିଲେ। ଅନ୍ୟ ଉପାୟ ନ ପାଇ ନାତି ଓ ନାତୁଣୀଙ୍କୁ ନେଇ ଗାଁରୁ ଗାଁ ଭିକ୍ଷା ମାଗୁଥିଲେ। ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଆଶା’ ସହାୟତାର ହାତ ବଢ଼ାଇବା ସହ ପ୍ରଶାସନର ଦୃଷ୍ଟିକୁ ନେଇଥିଲ। ସରାକରୀ ସହାୟତା ଓ ପିଲାଙ୍କ ଥଇଥାନ କରିବାକୁ ଚାର୍ମୀ ନିବେଦନ କରିଥିଲେ। ଏବେ



ବିଡିଓ ଅସହାୟ ପରିବାରକୁ ରାଶନ ସାମଗ୍ରୀ ପ୍ରଦାନ କରୁଛନ୍ତି।

ଖବର ପ୍ରକାଶ ପାଇବା ପରେ ବିଡିଓ ପହଞ୍ଚିବ ସହାୟତା କରିଛନ୍ତି। ପିଲାଙ୍କୁ ଘର ଯୋଗାଇ ଦେବା ସହ କୌଣସି ଆବାସିକ ବିଦ୍ୟାଳୟରେ ଭର୍ତ୍ତି କରାଗଲା ସେମାନଙ୍କ ଭବିଷ୍ୟତ ଉଜଳମୟ ହୋଇ ପାରିବ ବୋଲି ସାମାଜିକକର୍ମୀ ମନୋଜ ପଟେଲ କହିଛନ୍ତି। ସ୍ଥାୟୀ ଥଇଥାନ କରିବାକୁ ଆଶା ସଂଗଠନ ପକ୍ଷରୁ ନିବେଦନ କରାଯାଇଛି। ଏଥିସହ ବିଡିଓ ଗ୍ରାମର ପହଞ୍ଚି ସହାୟତା କରିଥିବାରୁ ଗ୍ରାମବାସୀ ଓ ଆଶାର ସ୍ୱେଚ୍ଛାସେବୀ ଧନ୍ୟବାଦ ଜଣାଇଛନ୍ତି।

## ଚୋରି ଅଭିଯୋଗରେ ୫ ଗିରଫ

ବୈଶିଙ୍ଗା,୨୮।୨(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବଡ଼ ଗୋପାଳପୁର ଗ୍ରାମରେ ଥିବା ଏକ ଫାର୍ମ ହାଉସରୁ ମାଛ ଦାନା ଓ ଧାନ ଚୋରି ଘଟଣାରେ ଶନିବାର ଅପରାହ୍ଣରେ ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ପ୍ରକାଶ ଯେ, ଦିନେଶ କୁମାର ବରଜ ବଡ଼ ଗୋପାଳପୁର ଗ୍ରାମରେ ଏକ ଫାର୍ମ ହାଉସ କରି ସେଠାରେ ମାଛ ଚାଷ ସହିତ ପନିପରିବା ଚାଷ କରୁଛନ୍ତି। ଗୁରୁବାର ରାତିରେ କେତେଜଣ ଦୁର୍ବୃତ୍ତ ଫାର୍ମ ହାଉସରେ ପଶି ଗୋଦାମ ଘର ଭାଙ୍ଗି ବିପୁଳ ପରିମାଣର ଗଚ୍ଛିତ ଥିବା ମାଛ ଦାନା ଓ ଧାନ ଚୋରାଇ ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ. ୯୭/୨୬) ରୁଜୁ କରିଥିଲା। ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ଏଏସ୍ଆଇ ସପନ କୁମାର ବିଶ୍ୱାଳ ତଦନ୍ତ ଚଳାଇଥିବା ବେଳେ ସେଠାରେ କାର୍ଯ୍ୟ କରୁଥିବା ପାଇକ ଯୁଗପୁରା ଗ୍ରାମର ଅମିତାଂଶୁ ଖଟୁଆ ନାମକ ଜଣେ କର୍ମଚାରୀଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା କରିଥିଲେ। ତାଙ୍କ ନିକଟରୁ ହସ୍ତଗତ ସୂଚନା ମୁତାବକ ଅଙ୍କିତ ଖଟୁଆ, ଦିଲ୍ଲୀପ ମହାନ୍ତ, ସମୀର କୁମାର ଦାସ ଓ ମନୋଜ ମହାନ୍ତ ପ୍ରମୁଖ ମୋଟ ୫ ଜଣଙ୍କୁ ଗିରଫ ପରେ ଶନିବାର ଅପରାହ୍ଣରେ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୮ ବସ୍ତା ଧାନ ଓ ୮ ବସ୍ତା ମାଛଦାନା, ୩ଟି ବାଇକ୍, ଗୋଟିଏ ଟାଟା ଏସ୍ ଭ୍ୟାନ ଓ ଏକ କାର ଜବତ କରାଯାଇଛି।

## କେନ୍ଦୁଝରରେ ପହଞ୍ଚିଲା ଲୋକ ଅଧିକାର ଯାତ୍ରା

### ଜଳ, ଜଙ୍ଗଲ ସୁରକ୍ଷାକୁ ନେଇ ଆଲୋଚନାଚକ୍ର

କେନ୍ଦୁଝର,୨୮।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

ଫେବୃଆରୀ ୨୫ରୁ ଆରମ୍ଭ ହୋଇଥିବା ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ଲୋକ ଅଧିକାର ଯାତ୍ରା ଶନିବାର କେନ୍ଦୁଝର ପହଞ୍ଚିଛି। ଏହି ଅବସରରେ ଜଳ, ଜଙ୍ଗଲ ଓ ଜମିକୁ ନେଇ ଏକ ଆଲୋଚନାଚକ୍ର କେନ୍ଦୁଝର ସହର ନଗରଭବନଠାରେ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ବର୍ଗର ଲୋକ, ପରିବେଶବିତ୍ ତଥା ସାମାଜିକ କର୍ମୀ ଯୋଗଦେଇଥିଲେ। ଆଲୋଚନାଚକ୍ରରେ ବିଶିଷ୍ଟ ପରିବେଶବିତ୍ ତଥା ଲୋକ ଶକ୍ତି ଅଭିଯାନର ଆବାହକ ପ୍ରଫୁଲ୍ଲ ସାମନ୍ତରା ଯୋଗଦେଇଥିଲେ।

ପରିବେଶବିତ୍ ପ୍ରଫୁଲ୍ଲ ଅଭିଭାଷଣରେ କହିଥିଲେ, ସଦର ବ୍ଲକ୍ ଅନ୍ତର୍ଗତ ଟିକରପଡ଼ା, କାଦଗଡ଼, ମହାଦେଇଯୋଡ଼ା, ଧାଡିକା ଆଦି ଅଞ୍ଚଳର ୩ ଫସଲୀ ଉର୍ବର ଜମିରେ ଏକ କମ୍ପାନୀର ପ୍ରସ୍ତାବିତ ବେନିଫିକେସନ ପ୍ଲାଣ୍ଟକୁ ସ୍ଥାନୀୟ ଲୋକେ ପ୍ରବଳ ବିରୋଧ କରୁଛନ୍ତି। ତେଣୁ ପ୍ରଥମ ଜନଶୁଣାଣି ବିଫଳ ହୋଇଥିଲା। କମ୍ପାନୀ ନକଲି ଲୋକଙ୍କ ଦ୍ୱାରା ଦ୍ୱିତୀୟ ଜନଶୁଣାଣି କରିଥିବା ଅଭିଯୋଗ ହୋଇଥିବା କହିଥିଲେ। ଲୋକଶକ୍ତି ଅଭିଯାନ ଏହି କାର୍ଯ୍ୟକ୍ରମ ରାଜ୍ୟ ସାରା କରାଯାଇ ଲୋକଙ୍କୁ ଜଳ, ଜଙ୍ଗଲ ଓ ଜମି ଅଧିକାର ସୁରକ୍ଷା ଲାଗି ସଚେତନ କରୁଥିବା କହିଥିଲେ। ନଗରଭବନରେ ସ୍ଥାନୀୟ ବିରୋଧୀ ମଞ୍ଚର ସଭାପତି ମଧୁସୂଦନ ସାହୁଙ୍କ ନେତୃତ୍ୱରେ ଅନେକ ଶହ ଆଦିବାସୀ ମହିଳା ଓ ପୁରୁଷ ଯୋଗଦେଇ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଲୋକଙ୍କ ସହ ଆଲୋଚନା କରି ଖଣି ଅଞ୍ଚଳରେ ପଡ଼ି ରହିଥିବା ଅବ୍ୟବହୃତ ଜମିରେ ଶିଳ୍ପ କରିବାକୁ ସମସ୍ତେ ମତ ଦେଇ ଚାଷ ଜମି ନ ଛାଡ଼ିବାକୁ ସଂକଳ୍ପ ନେଇଥିଲେ। ବିଭିନ୍ନ ବର୍ଗର ଲୋକେ ଲୋକ ଅଧିକାର ଯାତ୍ରାକୁ ସହାୟତା କରିବା ସହ ସମର୍ଥନ କରିଥିଲେ। ସଭା ପରେ ଯାତ୍ରା ଯୋଡ଼ା ଦେଇ କୋଇଡ଼ା ଯାଉଥିବା ଜଣାଯାଇଛି। କାର୍ଯ୍ୟକ୍ରମରେ ପରିବେଶବିତ୍ ତଥା ଜନଶକ୍ତି ଅଭିଯାନର ଅଧ୍ୟକ୍ଷ ସାମନ୍ତରା, ନରେନ୍ଦ୍ର ମହାନ୍ତି, ଡ. ବିଶ୍ୱଜିତ ଗାନ୍ଧୀ, ବାସୁଦେବ ଦାସ, ସୁଶାନ୍ତ ମହାନ୍ତି, ରାଜୀବ ସିଂ ପାଲଙ୍କ ସମେତ ଟିକରପଡ଼ା, କାଦଗଧାଡିକା, ମୋହଦେଇଯୋଡ଼ା, ବରଦାପାଳ, ରଥମାରା, କୁଡ଼ିଆଘରା, ଗୋପିନାଥପୁର, ସିଲିସୁଆଁର ସାଧାରଣ ଲୋକେ ଆଲୋଚନାରେ ଭାଗ ନେଇଥିଲେ।

### ‘ପ୍ରଦୂଷଣମୁକ୍ତ ଓଡ଼ିଶା ଦ୍ୱାରା ହିଁ ବିକଶିତ ରାଜ୍ୟ ଲକ୍ଷ୍ୟ ସମ୍ଭବ’

ଯୋଡ଼ା,୨୮।୨(ମାନସ ମହାନ୍ତି)

ଲୋକଶକ୍ତି ଅଭିଯାନ ପକ୍ଷରୁ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାଙ୍କ ନେତୃତ୍ୱରେ ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ଲୋକ ଅଧିକାର ଯାତ୍ରା ଆରମ୍ଭ ହୋଇଛି। ଟିମରେ ସାମିଲ ଥିବା ରାଜ୍ୟର ବହୁ ପରିବେଶବିତ୍ ଶନିବାର ଯୋଡ଼ା ଖଣି ଅଞ୍ଚଳ ଗସ୍ତ କରି ସୁନାନଦୀର ସ୍ଥିତି ଅନୁଧ୍ୟାନ କରିଥିଲେ। ପଶ୍ଚିମଯୋଡ଼ାସ୍ଥିତ ସୁନାନଦୀ କୂଳରେ ବିଭିନ୍ନ ଖଣି କମ୍ପାନୀଙ୍କ ଦ୍ୱାରା କିପରି ନଦୀ ପ୍ରଦୂଷିତ ହେଉଛି ତାହା ଦେଖିଥିଲେ। ଏ ଅବସରରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଓଡ଼ିଶା ସରକାର ଆସନ୍ତା ୨୦୩୬ ସୁଦ୍ଧା ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତେଣୁ ପ୍ରଦୂଷଣମୁକ୍ତ ଓଡ଼ିଶା ଗଠନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଅନ୍ତୁ। ତେବେ ଓଡ଼ିଶା ଏକ ବିକଶିତ ରାଜ୍ୟ ହୋଇ ପାରିବ ବୋଲି ଯୁକ୍ତି ବାଢ଼ିଛନ୍ତି। ଖଣି ଖନନ ଦ୍ୱାରା ଯୋଡ଼ା, ବଡ଼ବିଲ ଅଞ୍ଚଳରେ ଜଳ, ବାୟୁ, ଶବ୍ଦ ପ୍ରଦୂଷଣ ବୃଦ୍ଧି ପାଉଛି। ସରକାର ପ୍ରଦୂଷଣକୁ ନେଇ ପୂର୍ବରୁ ରହିଥିବା



ସୁନାନଦୀରେ କୂଳରେ ପରିବେଶବିତ୍‌ମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଆଇନକୁ ପରିବର୍ତ୍ତନ କରି ଏବେ ଖଣି ଓ ଶିଳ୍ପ ସଂସ୍ଥାଙ୍କଠାରୁ ଜରିମାନା ନେଇ ନିରବ ସାଜିଛନ୍ତି। କୌଣସି କମ୍ପାନୀ ନଦୀ ଜଳକୁ ବିଶୋଧନ କରୁନାହାନ୍ତି। ସୁନାନଦୀ ଯୋଡ଼ାର ଜୀବନରେଖା ଭାବେ ପରିଚିତ ଥିବା ବେଳେ ସରକାର ଏବଂ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ଜଳ ବିଶୋଧନ ପାଇଁ କୌଣସି ପଦକ୍ଷେପ ନିଆଯାଉନି। ସରକାର, ଲୋକ ପ୍ରତିନିଧି, ସଚେତନ ନାଗରିକ, ବୁଦ୍ଧିଜୀବୀ ଓ ବିଭିନ୍ନ ସାମାଜିକ ସଂଗଠନଗୁଡ଼ିକ ନଦୀର ସୁରକ୍ଷା ନେଇ ଆଗେଇ ଆସିବା ଉଚିତ ବୋଲି ପରିବେଶବିତ୍‌ମାନେ କହିଥିଲେ। ଯୋଡ଼ା ସୁନାନଦୀ ଅନୁଧ୍ୟାନ ପରେ ଟିମ୍ ସୁନ୍ଦରଗଡ଼ ଅଭିମୁଖେ ଯାତ୍ରା କରିଥିଲା। ଯାତ୍ରାରେ ଗ୍ରୀନ ନୋବେଲ ବିଜେତା ତଥା ପରିବେଶବିତ୍ ସାମନ୍ତରାଙ୍କ ସହିତ ଯାତ୍ରାର ସଂଯୋଜକ ଡା. ବିଶ୍ୱଜିତ୍, ରାଜକିଶୋର ସୁନାନୀ, ଯୁବନେତା ଲକ୍ଷ୍ମଣ ନାୟକ, ଏସାର ମିନମେଣ୍ଟ ବିରୋଧୀ ମଞ୍ଚର ମନୋଜ ସାହୁ, ପରମେଶ୍ୱର ହାଁସଦା ପ୍ରମୁଖ ସାମିଲ ଥିଲେ।

## ୯ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ଠାକୁରମୁଣ୍ଡା,୨୮।୨
(ତାରାକାନ୍ତ ପଟ୍ଟନାୟକ)

ଗାୟତ୍ରୀ ପରିବାର ପକ୍ଷରୁ ଠାକୁରମୁଣ୍ଡାରେ ୨ ଦିବସୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହୋଇଛି। ଠାକୁରମୁଣ୍ଡା ଗ୍ରାମପଞ୍ଚାୟତ ସମ୍ମୁଖ ଯଜ୍ଞ ମଣ୍ଡପରେ ପୂର୍ବାହ୍ଣ ୧୧ଟାରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ବସନ୍ତ କୁମାର ପୌବର୍ତ୍ତୀ ଓ ତାଙ୍କ ସହଧର୍ମିଣୀ ଗୀତାରାଣୀ ମହାପାତ୍ର ଯୋଗଦେଇ ଆଧ୍ୟାତ୍ମିକ ପତାକା ( ଧର୍ମ ଧ୍ୱଜା) ଉତ୍ତୋଳନ କରିଥିଲେ। ପରେ ନଗର ପରିକ୍ରମା ଓ ମଙ୍ଗଳ କଳସ ଯାତ୍ରାରେ ମହିଳା ମାନେ ସାମିଲ ହୋଇଥିଲେ। ମଧ୍ୟାହ୍ନ ୧୨ଟା ସମୟରେ ମହିଳା ଜାଗରଣ ଓ ଗୋଷ୍ଠୀ ଆଲୋଚନା କରାଯାଇଥିଲା। ଅପରାହ୍ଣ ୧ଟା ପରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ୭ଟାରେ ଦୀପ ଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମରେ ଶତାଧିକ ଜନ ସାଧାରଣ ଅଂଶଗ୍ରହଣ କରିଥିଲେ। ପ୍ରବଚକ ହେମନ୍ତ କୁମାର ପଣ୍ଡା, ସିଦ୍ଧାର୍ଥ କୁମାର ପଣ୍ଡା, ପଦ୍ମଲୋଚନ ସାମଲ, ଶାନ୍ତିଲତା ଦୀକ୍ଷିତ , ବଳରାମ ନାଏକ ପ୍ରମୁଖ ଯୋଗଦେଇ ଥିଲେ। ଏହି ନବକୁଣ୍ଡିୟ ଯଜ୍ଞରେ ବହୁ ସଂଖ୍ୟକ ଦମ୍ପତି ଯୋଗଦେବାକୁ ଗାୟତ୍ରୀ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି । ୧ ତାରିଖରେ ଯଜ୍ଞ ଓ ବିବିଧ ସଂସ୍କାର କାର୍ଯ୍ୟକ୍ରମ ସହିତ ଅପରାହ୍ଣ ୨ଟା ସମୟରେ ପୂର୍ଣ୍ଣାହୁତି ଦିଆଯାଇ ପ୍ରସାଦ ସେବନ ପରେ କାର୍ଯ୍ୟକ୍ରମ ଶେଷ ହେବ ବୋଲି ଗାୟତ୍ରୀ ପରିବାରର ଦିଲ୍ଲୀପ ବେହେରା, ଯୋଗେନ୍ଦ୍ର ପାତ୍ର, ଶଶୀକାନ୍ତ ମହାନ୍ତି , ପୂର୍ଣ୍ଣଚନ୍ଦ୍ର ସାହୁ, ସଂଜୀବ ସେଠୀ, ରଣଜିତ ଜେନା,ମହେଶ୍ୱର ମହାନ୍ତ ,ଅଜିତ ବେହେରି ପ୍ରମୁଖ ସୂଚନା ଦେଇଛନ୍ତି।

